**OFFICE OF THE**
**MUNICIPAL COUNCIL, DHENKANAL**
**DHENKANAL (ODISHA), PIN-759001**
**E-mail:- dhenkanalm.hud@gmail.com**

No..1927........ Date 01.6..23

To,

The District Informative Officer,
National Informatics Centre,
Dhenkanal.

**Sub:** **Wide publication of the Auction notice for different ponds within Dhenkanal Town.**

**Sir,**

With reference to the subject cited above, I am to submit herewith the details of **"Auction notice for different ponds within Dhenkanal Municipality"** in both soft copy and hard copy for necessary hoisting in the District website for wide publication and to invite more participants in this auction process.

This is for favour of your kind information and necessary action.

Yours Faithfully

Encl.:- Auction Notice

26.05.23

Executive Officer
Dhenkanal Municipality

# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧

ଇ-ମେଲ୍ : dhenkanalm.hud@gmail.com

ପତ୍ର ସଂଖ୍ୟା 1876 ତା 26-5-23 ରିଖ

## ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସ ଗୁଡ଼ିକ ଆଗାମି ଆର୍ଥିକ ବର୍ଷ (୨୦୨୩-୨୪ ଓ ୨୦୨୪-୨୫) ଦୁଇ ବର୍ଷ ନିମନ୍ତେ, ଉଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ସଂସ୍ଥାଠାରୁ ମୁଦବିଆ ଟେଣ୍ଡର ଆହ୍ୱାନ କରାଯାଉଛି, ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା ୦୧.୦୬.୨୦୨୩ ରିଖ ଠାରୁ ୧୬.୦୬.୨୦୨୩ ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରୁ ଟ. ୧୦୦୦.୦୦ ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ (ଛୁଟି ଦିନ ବ୍ୟତୀତ) । ଉପରୋକ୍ତ ଟେଣ୍ଡର ଆସନ୍ତା ତା ୧୭.୦୬.୨୦୨୩ ରିଖ ଦିବା ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ଏହି ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର. ନଂ. | ଉତ୍ସଗୁଡ଼ିକର ନାମ | ୱାର୍ଡ ନଂ. | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|---|
| ୧. | ଗୋପାଳସାଗର ପୋଖରୀ | ୧୭ | ୨ ବର୍ଷ | ୪୬,୨୬୬.୦୦ | |
| ୨. | ମଲ୍ଲାର ସାହି ପୋଖରୀ | ୧୧ | ୨ ବର୍ଷ | ୨୨,୬୬୧.୦୦ | |
| ୩. | କୋରିଆଁ ପୋଖରୀ (ଜେନାଦେଇ) | ୨୩ | ୨ ବର୍ଷ | ୭୦,୦୩୩.୦୦ | |
| ୪. | ବୈଷ୍ଣବ ପୋଖରୀ | ୨୨ | ୨ ବର୍ଷ | ୩୭,୬୮୩.୦୦ | |
| ୫. | ପଛିବନ୍ଧ ପୋଖରୀ | ୧୦ | ୨ ବର୍ଷ | ୨୬,୬୦୩.୦୦ | |
| ୬. | ବଧି ପୋଖରୀ | ୧୦ | ୨ ବର୍ଷ | ୩୬,୮୩୪.୦୦ | |
| ୭. | କୋରିଆଁ ପୋଖରୀ (ଶିବ ମନ୍ଦିର) | ୨୩ | ୨ ବର୍ଷ | ୧୪,୩୨୬.୦୦ | |
| ୮. | କୁଞ୍ଜକାନ୍ତ ପୋଖରୀ | ୦୩ | ୨ ବର୍ଷ | ୪,୫୮,୩୩୯.୦୦ | |
| ୯. | ସରଜଙ୍ଗ ସାହି ପୋଖରୀ | ୧୦ | ୨ ବର୍ଷ | ୯୦,୩୭୧.୦୦ | |
| ୧୦ | ବନମାଳୀପ୍ରସାଦ ପୋଖରୀ | ୦୯ | ୨ ବର୍ଷ | ୧,୧୬,୬୯୭.୦୦ | |

ନିର୍ବାହୀ ଅଧିକାରୀ

ଢେଙ୍କାନାଳ ପୌରପାଳିକା

## ସର୍ତ୍ତାବଳୀ

୧. ଉପରୋକ୍ତ ଉତ୍ସ ଗୁଡ଼ିକର ଆଗାମୀ ୨ (ଦୁଇ) ବର୍ଷ ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତା ମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ସମ ପରିମାଣର ଜମା ଏକକାଳୀନଭାବେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର କାଗଜାତ ସହ ଦାଖଲ କରିବା ହେବେ। ନଚେତ୍ ତାଙ୍କର ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ ।

୨. ପୌରପାଳିକାରେ ପୂର୍ବରୁ ପଟ୍ଟାନେଇଥିବା ବ୍ୟକ୍ତି ସଂସ୍ଥା ଯଦି, ପୌରପାଳିକାର ପୂର୍ବୋକ୍ତ ନିଲାମ ରାଶି ପଇଠ କରିବାରେ ଅବହେଳା କରିଥିବେ ତେବେ ସେପରି ବ୍ୟକ୍ତି ସଂସ୍ଥା ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ । ଯଦି ଏହାକୁ ଉଲଂଘନ କରାଯାଏ ତେବେ ପ୍ରଦତ୍ତ ଟେଣ୍ଡରକୁ ତତ୍କ୍ଷଣାତ୍ ରଦ୍ଦ କରାଯିବ।

୩. ଆଗ୍ରହୀ ଟେଣ୍ଡର ଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ ଥିବା କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ କେବଳ ରେଜିଷ୍ଟ୍ରୀ ଡ଼ାକ କିମ୍ବା ସ୍ପିଡ୍‌ପୋଷ୍ଟ ଡ଼ାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଂଚାଇବା ହେବେ। ନିର୍ଦ୍ଧାରିତ ସମୟପରେ କୌଣସି ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା ଡ଼ାକଯୋଗେ ବିଳମ୍ବିତ ପ୍ରକିୟା ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୪. ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉତ୍ସ ନିମନ୍ତେ ଟେଣ୍ଡର ପକାଉଥିବେ ତାହା ସ୍ପଷ୍ଟଭାବେ ଉଲ୍ଲିଖିତ କରିବା ହେବେ। ପ୍ରତ୍ୟେକ ଉତ୍ସ ନିମନ୍ତେ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ।

୫. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ଆଗାମୀ ୨ (ଦୁଇ) ଆର୍ଥିକ ବର୍ଷ ନିମନ୍ତେ ପଟ୍ଟା ଦେବାକୁ ବିଚାର କରାଯିବ। ଯଦି, ପ୍ରଥମ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥା ତାଙ୍କର ନିଲାମ ରାଶି, ନୋଟିସ୍ କରାଯାଇଥିବା ତାରିଖ ଠାରୁ ସାତ ଦିନ ମଧ୍ୟରେ ପୈଠ କରିବାରେ ବିଳମ୍ବ କିମ୍ବା ଅବହେଳା କରିବେ ତେବେ, ଦ୍ୱିତୀୟ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାଙ୍କୁ, ପ୍ରଥମ ନିଲାମଧାରୀଙ୍କ ମୂଲ୍ୟରେ ନେବା ପାଇଁ ସୁଯୋଗ ଦିଆଯିବ।

୬. ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟା ପାଇବାପରେ ଭାରତ ସରକାର ଓ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀକୁ ସମୁଚିତଭାବେ ପାଳନ କରିବା ହେବେ। ନଚେତ୍ ଏଥି ନିମନ୍ତେ ପୌରକର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୭. କୌଣସି କାରଣ ନଦର୍ଶାଇ ଯେ, କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି। ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ।

୮. କୌଣସି ପରିସ୍ଥିତିରେ ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ମୂଲ୍ୟାଙ୍କନ ଠାରୁ କମ୍ ମୂଲ୍ୟାଙ୍କନ କରି ପକାଯାଇଥିବା ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।

ପଟ୍ଟାଧାରୀ ପଟ୍ଟା ସମୟସୀମା ପର୍ଯ୍ୟନ୍ତ ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ବାଧ୍ୟ ରହିବେ ।

୧୦.ପଟ୍ଟାଧାରୀ ନେଇଥିବା ପୋଖରୀକୁ ପଟ୍ଟା ସମୟସୀମା ପର୍ଯ୍ୟନ୍ତ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ରଖିବେ । ଏହାଛଡ଼ା କୌଣସି ପ୍ରକାର ରାସାୟନିକ ଓ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ପୋଖରୀରେ ବ୍ୟବହାର କରି ପୋଖରୀକୁ ଦୂଷିତ କରିପାରିବେ ନାହିଁ । ଯଦି ଏପରି କୌଣସି ତଥ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହୁଏ ତେବେ ତାଙ୍କର ସମସ୍ତ ନିଲାମ ରାଶିକୁ ବାଜ୍ୟାପ୍ତି କରାଯିବା ସହିତ ସମ୍ପୃକ୍ତ ଚୁକ୍ତିନାମାକୁ ରଦ୍ଦ କରାଯିବ । ଏହାର କ୍ଷୟକ୍ଷତି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା...1877......... ତାରିଖ 26-5-23

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ/ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଢେଙ୍କାନାଳ ଓ ପ୍ରକଳ୍ପ ଅଧିକାରୀ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ପି.ଡ଼ି.ଡୁଡ଼ା) ଢେଙ୍କାନାଳ/ ଉପ-ଜିଲ୍ଲାପାଳ, ଢେଙ୍କାନାଳ/ ତହସିଲଦାର, ଢେଙ୍କାନାଳ/ ସବ୍‌ରେଜିଷ୍ଟ୍ରାର, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ, ଢେଙ୍କାନାଳ/ସୂଚନା ଓ ଲୋକସଂପର୍କ ଅଧିକାରୀ, ଢେଙ୍କାନାଳ/ବ୍ଲକ ଉନ୍ନୟନ ଅଧିକାରୀ, ସଦର, ଢେଙ୍କାନାଳ/ ଆଂଚଳିକ ପରିବହନ ଅଧିକାରୀ, ଢେଙ୍କାନାଳ/ ନିଯୁକ୍ତି ଅଧିକାରୀ, ଢେଙ୍କାନାଳ/ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ/ ଆରକ୍ଷୀ ଅଧିକାରୀ, ଢେଙ୍କାନାଳ/ଅଧ୍ୟକ୍ଷ/ଉପାଧ୍ୟକ୍ଷା ତଥା ସମସ୍ତ ପାରିଷଦ ବୃନ୍ଦ, ପୌରପାଳିକା ଢେଙ୍କାନାଳଙ୍କ ବିହୀତ ଅବଗତି ନିମିତ୍ତ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି ଯେ, ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଇବା ହେବେ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା...1878......... ତା 26-5-23 ରିଖ

ଏହାର ଏକକିତା ନକଲ ପରିମଳ ବିଭାଗ, ଢେଙ୍କାନାଳ, ପୌର କାର୍ଯ୍ୟାଳୟଙ୍କ ଗୋଚରାର୍ଥେ ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଗଲା । ଉକ୍ତ ବିଜ୍ଞାପନକୁ ଧେଣ୍ଡୁରା ମାଧ୍ୟମରେ ସମସ୍ତ ୱାର୍ଡରେ ସର୍ବସାଧାରଣଙ୍କୁ ଜଣାଇଦେବାର ବ୍ୟବସ୍ଥା କରି ଧାର୍ଯ୍ୟ ନିଲାମ ଦିବସ ପୂର୍ବରୁ କାର୍ଯ୍ୟାଳୟକୁ ଜଣାଇବା ହେବେ । ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ଅଫିସ୍ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଯାଇ ବିହୀତ ପ୍ରସାରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା...1877........ତା 26-5-23 ରିଖ

ଏଦ୍ୱାର ଏକକିତା ନକଲ ଡ଼େପୁଟି ସେକ୍ରେଟାରୀ ତଥା ସୂଚନା ଏବଂ ଜନସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ଓ ବିଜ୍ଞାପନ ପରିଚାଳକ ଙ୍କୁ ଦିଆଯାଇ ଅନୁରୋଧ କରାଗଲାକି ଯେ, ଉକ୍ତ ବିଜ୍ଞାପନଟିକୁ ତାଙ୍କର ସିମୀତ ସ୍ଥାନ ମଧ୍ୟରେ ଦୁଇଗୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଥର ପାଇଁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ହେବେ ।

25/05/23

ନିର୍ବାହୀ ଅଧିକାରୀ

ଢେଙ୍କାନାଳ ପୌରପାଳିକା

# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧

ଇ-ମେଲ୍ : dhenkanalm.hud@gmail.com

ପତ୍ର ସଂଖ୍ୟା 1880 ତା 26.5.23 ରିଖ

## ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ବିଜ୍ଞାପନ ବୋର୍ଡ (ହୋର୍ଡ଼ିଙ୍ଗସ୍) ଉତ୍ସଟିକୁ ଆଗାମି ଆର୍ଥିକ ବର୍ଷ ୨୦୨୩-୨୪ ଏବଂ ୨୦୨୪-୨୫ ଦୁଇ ବର୍ଷ ନିମନ୍ତେ ତା ୦୧.୦୬.୨୦୨୩ ରିଖ ଠାରୁ ତା ୧୬.୦୬.୨୦୨୩ ରିଖ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ସଂସ୍ଥାଠାରୁ ମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି, ତତ୍‌ସହିତ ଟ. ୧୦,୦୦୦/-ଙ୍କାର EMD ଦାଖଲ କରିବା ସହିତ, ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ଆସନ୍ତା ତା ୧୬.୦୬.୨୦୨୩ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ। ସମସ୍ତ ଟେଣ୍ଡର କେବଳ ରେଜିଷ୍ଟ୍ରି ଡ଼ାକ ମାଧ୍ୟମରେ ଗ୍ରହଣ କରାଯିବ। (କୋରିଅର ଗ୍ରହଣୀୟ ନୁହେଁ)। ନିର୍ଦ୍ଧାରିତ ତାରିଖ ଏବଂ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ଟେଣ୍ଡର ଆସନ୍ତା ତା ୧୪.୦୬.୨୦୨୩ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ। ଏହି ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ। ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି।

| କ୍ର.ନଂ. | ଉତ୍ସର ନାମ | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧. | ବିଜ୍ଞାପନ ବୋର୍ଡ (ହୋର୍ଡ଼ିଙ୍ଗସ୍) | ୨ ବର୍ଷ | ୪୦,୦୦,୦୦୦.୦୦ (As per CR) | |

(signature) 27/05/23

ନିର୍ବାହୀ ଅଧିକାରୀ

ପୌରପାଳିକା ଢେଙ୍କାନାଳ

## ସର୍ତ୍ତାବଳୀ

୧. ଉପରୋକ୍ତ ଉତ୍ସଟି ଆଗାମୀ ୨ (ଦୁଇ) ବର୍ଷ ନିମନ୍ତେ ପଟ୍ଟାଦରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତା ମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ତାହାର ୧୦ ପ୍ରତିଶତ ପରିମାଣର ଜମା ସିକ୍ୟୁରିଟି ଟଙ୍କା ଭାବେ ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଟେଣ୍ଡର କାଗଜାତ ସହ ଦାଖଲ କରିବେ। ଟେଣ୍ଡର ପ୍ରକ୍ରିୟାରେ ସଫଳ ବ୍ୟକ୍ତି/ସଂସ୍ଥା ଚୁକ୍ତି ପତ୍ର ଦାଖଲ କରିବା ସମୟରେ ଟେଣ୍ଡର ମୂଲ୍ୟର ୫୦ ପ୍ରତିଶତ (ଅର୍ଦ୍ଧେକ) ଅଂଶ ପରିମାଣର ଜମା ଏକକାଳୀନଭାବେ ବ୍ୟାଙ୍କ ଡ୍ରାଫଟ ମାଧ୍ୟମରେ ଟେଣ୍ଡର କାଗଜାତ ସହ ଦାଖଲ କରିବେ। ଅବଶିଷ୍ଟ ୫୦ ପ୍ରତିଶତ (ଅର୍ଦ୍ଧେକ)ଦୁଇଗୋଟି କିସ୍ତିରେ ପ୍ରତ୍ୟେକ ୩ (ତିନି) ମାସ ବ୍ୟବଧାନରେ ଦାଖଲ କରିବେ। ଧାର୍ଯ୍ୟ ଦିନଠାରୁ ଯଦି କୌଣସି କିସ୍ତି ୭ (ସାତ) ଦିନ ମଧ୍ୟରେ ପୈଠ କରିବାରେ ଖିଲାଫ କରନ୍ତି ତେବେ, ତାଙ୍କର ଚୁକ୍ତିନାମାକୁ ରଦ୍ଦ କରାଯିବା ସଙ୍ଗେସଙ୍ଗେ ପୂର୍ବରୁ ଜମା କରିଥିବା ସମସ୍ତ ଅର୍ଥରାଶି ବାଜ୍ୟାପ୍ତି କରାଯିବ।

ପୌରପାଳିକାରେ ପୂର୍ବରୁ ପଟ୍ଟାନେଇଥିବା ବ୍ୟକ୍ତି ସଂସ୍ଥା ଯଦି ପୌରପାଳିକାର ପୂର୍ବୋକ୍ତ ନିଲାମ ରାଶି ପଇଠ କରିବାରେ ଅବହେଳା କରିଥିବେ ତେବେ ସେପରି ବ୍ୟକ୍ତି ସଂସ୍ଥା ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ। ଯଦି ଏହାକୁ ଉଲଂଘନ କରାଯାଏ ତେବେ ପ୍ରଦତ୍ତ ଟେଣ୍ଡରକୁ ତକ୍ଷଣ ରଦ୍ଦ କରାଯିବ ।

୩. ଆଗ୍ରହୀ ଟେଣ୍ଡର ଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ ଥିବା କାଗଜାତ ଓ ତାହାର ଏକ ଦଶମାଂଶ (୧୦ ପ୍ରତିଶତ) ସିକ୍ୟୁରିଟି ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ କେବଳ ରେଜିଷ୍ଟ୍ରୀ ଡ଼ାକ କିମ୍ବା ସ୍ପିଡ୍‌ପୋଷ୍ଟ ଡ଼ାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଂଚାଇବା ହେବେ । ନିର୍ଦ୍ଧାରିତ ସମୟପରେ କୌଣସି ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା ଡ଼ାକଯୋଗେ ବିଳମ୍ବିତ ପ୍ରକ୍ରିୟା ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୪. ଅସଫଳ ଟେଣ୍ଡରଦାତା ମାନଙ୍କର ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟକୁ ପୌରପାଣ୍ଠିରେ ଜମା ପୂର୍ବକ ସମପରିମାଣର ଅର୍ଥ ଜମାପ୍ରଦାନକାରୀଙ୍କୁ ଚେକ୍ ମାଧ୍ୟମରେ ଆବେଦନ ତାରିଖ ଠାରୁ ସର୍ବୋଚ୍ଚ ୧୫ (ପନ୍ଦର) ଦିନ ମଧ୍ୟରେ ଫେରସ୍ତ କରାଯିବ ।

୫. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ଆଗାମୀ ୨ (ଦୁଇ) ଆର୍ଥିକ ବର୍ଷ ନିମନ୍ତେ ପଟ୍ଟା ଦେବାକୁ ବିଚାର କରାଯାଇପାରେ ।

୬. ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟା ପାଇବାପରେ ଭାରତ ସରକାର ଓ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀକୁ ସମୁଚିତଭାବେ ପାଳନ କରିବା ହେବେ । ନଚେତ୍ ଏଥି ନିମନ୍ତେ ପୌରକର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୭. ଯଦି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ପଟ୍ଟାଦାରୀ ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ତେବେ, ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିକୁ ବିନାସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ କର୍ତ୍ତୃତ୍ୱାଧୀନ କରାଯିବ ।

୮. ସର୍ବୋଚ୍ଚ ଟେଣ୍ଡର ମୂଲ୍ୟକୁ ଗ୍ରହଣ କରାଯିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । କୌଣସି କାରଣ ନଦର୍ଶାଯାଇ ଯେ, ଉକ୍ତ ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ ।

୯. କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟାଙ୍କନ ଠାରୁ କମ୍ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୧୦. ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ହାରରେ "ବିଜ୍ଞାପନ ବୋର୍ଡ (ହୋଡ଼ିଂସ୍)" ପଟ୍ଟାଦାର ଅସୁଲ କରିବେ । ଏହାଠାରୁ ଅଧିକ ଦରରେ ମହାସୁଲ ଆଦାୟ କରିବେ ନାହିଁ। ଯଦି ସ୍ୱଇଚ୍ଛାରେ ଉକ୍ତ କାର୍ଯ୍ୟରୁ ନିବୃତ୍ତ ରୁହନ୍ତି ଏଥିପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କିମ୍ବା ତାଙ୍କର ବକେୟା ରାଶି ଫେରସ୍ତ ପାଇଁ ଦାବୀ କରିପାରିବେ ନାହିଁ ।

ନିର୍ବାହୀ ଅଧିକାରୀ
ପୌରପାଳିକା, ଢ଼େଙ୍କାନାଳ

ଜ୍ଞାପକ ସଂଖ୍ୟା....1881........ ତା 26-5-23 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଢ଼େଙ୍କାନାଳ/ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଢ଼େଙ୍କାନାଳ ଓ ପ୍ରକଳ୍ପ ଅଧିକାରୀ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ପି.ଡ଼ି.ଡୁଡ଼ା) ଢ଼େଙ୍କାନାଳ/ ଉପ-ଜିଲ୍ଲାପାଳ, ଢ଼େଙ୍କାନାଳ/ ତହସିଲଦାର, ଢ଼େଙ୍କାନାଳ/ ସବ୍‌ରେଜିଷ୍ଟ୍ରାର, ଢ଼େଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ, ଢ଼େଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ, ଢ଼େଙ୍କାନାଳ/ସୂଚନା ଓ ଲୋକସଂପର୍କ ଅଧିକାରୀ, ଢ଼େଙ୍କାନାଳ/ବ୍ଲକ ଉନ୍ନୟନ ଅଧିକାରୀ, ସଦର, ଢ଼େଙ୍କାନାଳ/ ଆଂଚଳିକ ପରିବହନ ଅଧିକାରୀ, ଢ଼େଙ୍କାନାଳ/ ନିଯୋଜନ ଅଧିକାରୀ, ଢ଼େଙ୍କାନାଳ/ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢ଼େଙ୍କାନାଳ/ ଆରକ୍ଷୀ ଅଧିକାରୀ, ଢ଼େଙ୍କାନାଳ/ଅଧ୍ୟକ୍ଷ/ଉପାଧ୍ୟକ୍ଷା ତଥା ସମସ୍ତ ପାରିଷଦ ବୃନ୍ଦ, ପୌରପାଳିକା ଢ଼େଙ୍କାନାଳଙ୍କ ବିହୀତ ଅବଗତି ନିମିତ୍ତ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି ଯେ, ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଇବା ହେବେ ।

(ସ୍ୱାକ୍ଷର) 27/05/23

ନିର୍ବାହୀ ଅଧିକାରୀ
ଢ଼େଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା....1882........ ତା 26-5-23 ରିଖ

ଏହାର ଏକକିତା ନକଲ ପରିମଳ ବିଭାଗ, ଢ଼େଙ୍କାନାଳ, ପୌର କାର୍ଯ୍ୟାଳୟଙ୍କ ଗୋଚରାର୍ଥେ ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଗଲା । ଉକ୍ତ ବିଜ୍ଞାପନକୁ ଧେଣ୍ଡୁରା ମାଧ୍ୟମରେ ସମସ୍ତ ୱାର୍ଡରେ ସର୍ବସାଧାରଣଙ୍କୁ ଜଣାଇଦେବାର ବ୍ୟବସ୍ଥା କରି ଧାର୍ଯ୍ୟ ନିଲାମ ଦିବସ ପୂର୍ବରୁ କାର୍ଯ୍ୟାଳୟକୁ ଜଣାଇବା ହେବେ । ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ଅଫିସ୍ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଯାଇ ବିହୀତ ପ୍ରସାରଣ କରାଗଲା ।

(ସ୍ୱାକ୍ଷର) 27/05/23

ନିର୍ବାହୀ ଅଧିକାରୀ
ଢ଼େଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା....1884........ ତା 26-5-23 ରିଖ

ଏହାର ଏକକିତା ନକଲ ଡ଼େପୁଟି ସେକ୍ରେଟାରୀ ତଥା ସୂଚନା ଏବଂ ଜନସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ଓ ବିଜ୍ଞାପନ ପରିଚାଳକ ଙ୍କୁ ଦିଆଯାଇ ଅନୁରୋଧ କରାଗଲାକି ଯେ, ଉକ୍ତ ବିଜ୍ଞାପନଟିକୁ ତାଙ୍କର ସିମୀତ ସ୍ଥାନ ମଧ୍ୟରେ ଦୁଇଗୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଥର ପାଇଁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ହେବେ ।

(ସ୍ୱାକ୍ଷର) 27/05/23

ନିର୍ବାହୀ ଅଧିକାରୀ
ଢ଼େଙ୍କାନାଳ ପୌରପାଳିକା